# NATIONAL NEWS BULLETIN (ODIA)

**14 March - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ନାଗରିକ ସଂଶୋଧନ ଆଇନ ଲୋକମାନଙ୍କୁ ନାଗରିକ ଅଧିକାର ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ଓ ଏହାଦ୍ୱାରା କୌଣସି ବ୍ୟକ୍ତିଙ୍କର ନାଗରିକତ୍ୱ ଚାଲିଯିବ ନାହିଁ ।
- ତଥ୍ୟ ଓ ପ୍ରସାରଣ ମନ୍ତ୍ରଣାଳୟ ୧୮ଟି ଓଭର୍ ଦ ଟପ୍- OTT ପ୍ଲାଟଫର୍ମରେ ଅଶ୍ଳୀଳ ଓ  ଅଶାଳୀନ ବିଷୟ ଥିବା ଯୋଗୁଁ ସେଗୁଡ଼ିକୁ ଅବରୋଧ କରିଛି ।
- **ଏକ୍ ଦେଶ ଏକ୍ ନିର୍ବାଚନ** ସଂକ୍ରାନ୍ତ ରିପୋର୍ଟକୁ ଉଚ୍ଚସ୍ତରୀୟ କମିଟି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟରେ ଦାଖଲ କରିଛନ୍ତି ।
- ପେଣ୍ଟାଗନ କହିଛି' ଭାରତ-ଆମେରିକା ପ୍ରତିରକ୍ଷା ସଂପର୍କରେ ଅଭୂତପୂର୍ବ ପରିବର୍ତ୍ତନ ଘଟିଛି ।

ଏବଂ

- ଦିଲ୍ଲୀର ସାହାଦରା ଅଞ୍ଚଳରେ ଏକ ବଡ଼ ଅଗ୍ନିକାଣ୍ଡ ଘଟି ୪ଜଣ

ଲୋକ ପ୍ରାଣ ହରାଇଛନ୍ତି ଓ ଅନେକ ଲୋକ ଆହତ ହୋଇଛନ୍ତି ।

## ଅମିତ ଶାହା- ସିଏଏ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ନାଗରିକ ସଂଶୋଧନ ଆଇନ ଲୋକମାନଙ୍କୁ ନାଗରିକ ଅଧିକାର ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ।

ଏହାଦ୍ୱାରା କୌଣସି ବ୍ୟକ୍ତିଙ୍କର ନାଗରିକତ୍ୱ ଚାଲିଯିବ ନାହିଁ । ସେ କହିଛନ୍ତି ଆଫଗାନିସ୍ତାନ, ବାଙ୍ଗଲାଦେଶ ଓ ପାକିସ୍ତାନର ହିନ୍ଦୁ, ବୌଦ୍ଧ, ଜୈନ, ଶିଖ୍, ଖ୍ରୀଷ୍ଟିଆନ୍ ଓ ପାର୍ଶି ସଂପ୍ରଦାୟର ଲୋକମାନଙ୍କୁ CAA ଭାରତର ନାଗରିକତ୍ୱ ପ୍ରଦାନ କରିବ । ସେ କହିଛନ୍ତି ଏହି ଆଇନ ଅନୁସାରେ ପ୍ରତ୍ୟେକଙ୍କୁ ସମାନ ଅଧିକାର ମିଳିବ । ଶ୍ରୀ ଶାହା କହିଛନ୍ତି ସେମାନେ ଦେଶର ନାଗରିକ ଭାବେ ଅନ୍ତର୍ଭୁକ୍ତ ହେବେ ଓ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ବିଧାୟକ, ସାଂସଦ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ହୋଇପାରିବେ । ଏକ ସ୍ପଷ୍ଟୀକରଣରେ ସେ କହିଛନ୍ତି ଜାତୀୟ ନାଗରିକ ପଞ୍ଜିକା ର ନାଗରିକ ସଂଶୋଧନ ଆଇନ ସହ କୌଣସି ସଂପର୍କ ନାହିଁ ।

ଶ୍ରୀ ଶାହା କହିଛନ୍ତି ନାଗରିକ ସଂଶୋଧନ ଆଇନକୁ ନେଇ ସଂଖ୍ୟାଲଘୁମାନେ ଭୟଭୀତ ହେବାର କୌଣସି କାରଣ ନାହିଁ । ଏହା ଯୋଗୁଁ କାହା ପାଇଁ ଦ୍ୱାର ବନ୍ଦ ହୋଇଯାଇ ନାହିଁ ଓ ମୁସଲମାନମାନେ ନାଗରିକତ୍ୱ ପାଇଁ ଆବେଦନ କରିପାରିବେ । ମନ୍ତ୍ରୀ କହିଛନ୍ତି ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଓ ୨୦୧୪ ଡିସେମ୍ବର ୩୧ ତାରିଖ ମଧ୍ୟରେ ଯେଉଁମାନେ ଭାରତରେ ରହିଛନ୍ତି, ସେମାନେ ଭାରତର ନାଗରିକ ହୋଇପାରିବେ ।

## ଆଇବି-ଓଟିଟି ପ୍ଲାଟଫର୍ମ

ତଥ୍ୟ ଓ ପ୍ରସାରଣ ମନ୍ତ୍ରଣାଳୟ ୧୮ଟି ଓଭର୍ ଦ ଟପ୍- OTT ପ୍ଲାଟଫର୍ମରେ ଅଶ୍ଳୀଳ ଓ  ଅଶାଳୀନ ବିଷୟ ଥିବା ଯୋଗୁଁ ସେଗୁଡ଼ିକୁ

ଅବରୋଧ କରିଛି । ସେହି ପ୍ଲାଟଫର୍ମ ଗୁଡ଼ିକ ମଧ୍ୟରେ ଡ୍ରିମ୍ସ ଫିଲ୍ମସ୍, ହଣ୍ଟର୍ସ, ହଟ୍-ସଟ୍ VIP, ପ୍ରାଇମ୍ ପ୍ଲେ ଓ ଅନ୍‌କଟ୍ ଆଡ୍ଡା ରହିଛି । ୧୯ଟି ୱେବ୍‌ସାଇଟ୍, ୧୦ଟି ଆପ୍ ଓ ୫୭ଟି ସୋସିଆଲ୍ ମିଡିଆ ଆକାଉଣ୍ଟ୍ ସେହି ପ୍ଲାଟଫର୍ମ ଗୁଡ଼ିକ ସହ ଜଡ଼ିତ ରହିଛି ଓ ସେଗୁଡ଼ିକୁ ଅକାମୀ କରିଦିଆଯାଇଛି । ତଥ୍ୟ ବୈଷୟିକ ଆଇନ-୨୦୦୦ ନିୟମ ଅନୁସାରେ ଏହି ନିଷ୍ପତ୍ତି ନିଆଯାଇଛି । ମନ୍ତ୍ରଣାଳୟ କହିଛି ତଥ୍ୟ ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଅଶ୍ଳୀଳତା, ଅଶାଳୀନ ବିଷୟ ପ୍ରକାଶ ନ କରିବାକୁ ବାରମ୍ବାର କହି ଆସିଛନ୍ତି । ମନ୍ତ୍ରଣାଳୟ କହିଛି ସେହି ପ୍ଲାଟଫର୍ମ ଗୁଡ଼ିକରେ ପ୍ରକାଶ ପାଇଥିବା ଅଧିକାଂଶ ବିଷୟ ଅଶ୍ଳୀଳ ଓ ଅଶାଳୀନ ଥିବା ବେଳେ ମହିଳାମାନଙ୍କ ପ୍ରତି ଅସମ୍ମାନଜନକ ରହିଛି ।

## ପିଏମ୍-ଏକତାର ପ୍ରତୀକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ **ଷ୍ଟାଚ୍ୟୁ ଅଫ୍ ୟୁନିଟ୍ : ଏକତାର ପ୍ରତୀକ** ଶୀର୍ଷକ ଏକ ବୃତ୍ତଚିତ୍ର ଅଧ୍ୟାୟକୁ ପୋଷ୍ଟ କରିଛନ୍ତି । ସୋସିଆଲ୍ ମିଡିଆରେ ସେ କହିଛନ୍ତି ଏହି ଅଧ୍ୟାୟକୁ ଦେଖିଲେ କେବାଡିଆକୁ ଗସ୍ତ କରିବାକୁ ମନରେ ଆଗ୍ରହ ସୃଷ୍ଟି ହେବ । ସେହି ବୃତ୍ତଚିତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ, କାହାଣୀ ଓ ଚିତ୍ର ରହିଛି । ଆନନ୍ଦ ଏଲ୍. ରାୟ ତାହାର ନିର୍ଦ୍ଦେଶନା ଦେଇଛନ୍ତି ।

## ପିଏମ୍-ଶିଖ୍ ନିଉଇୟର

ଶିଖ୍ ନବବର୍ଷ ଉପଲକ୍ଷେ ପ୍ରଧାନମନ୍ତ୍ରୀ ଶିଖ୍ ସଂପ୍ରଦାୟକୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ପୋଷ୍ଟ୍ କରି ସେ କହିଛନ୍ତି ଓ୍ୱାହେ ଗୁରୁଙ୍କର ଆଶୀର୍ବାଦ ମାନବ ଜାତି ଉପରେ ରହିବାକୁ ସେ କାମନା କରୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଗୁରୁ ସାହିବମାନଙ୍କ ଜ୍ଞାନ ସର୍ବଦା ସମାଜକୁ ଆଲୋକ ପ୍ରଦାନ କରିବ ।

## ଇଣ୍ଡିଆ-ୟୁଏସ୍ ଡିଫେନ୍ସ ଷ୍ଟ୍ରାଇକ୍

ପେଣ୍ଟାଗନ କହିଛି' ଭାରତ-ଆମେରିକା ପ୍ରତିରକ୍ଷା ସଂପର୍କରେ ଅଭୂତପୂର୍ବ ପରିବର୍ତ୍ତନ ଘଟିଛି । ଆମେରିକା ପ୍ରତିରକ୍ଷା ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଦକ୍ଷିଣ ଏସିଆ ପାଇଁ ନିର୍ଦ୍ଦେଶକ ସିଦ୍ଧାର୍ଥ ଆୟାର କହିଛନ୍ତି ଭାରତ-ଆମେରିକା ପ୍ରତିରକ୍ଷା ସଂପର୍କ ଅଧିକ ତ୍ୱରାନ୍ୱିତ ହେବା ସହ ଘନିଷ୍ଠ ହେବାରେ ଲାଗିଛି । ଭାରତ-ଆମେରିକା ପ୍ରତିରକ୍ଷା ଭାଗିଦାରୀ ଗୋଲ୍ ଟେବୁଲ୍ ସମ୍ମିଳନୀରେ ଯୋଗଦେବା ଅବସରରେ ସେ ଏହା କହିଛନ୍ତି । ସେହି ସମ୍ମିଳନୀରେ ବୈଷୟିକ ଜ୍ଞାନ କ୍ଷେତ୍ରରେ ସହଯୋଗ ଓ ସାମୁଦ୍ରିକ ସୁରକ୍ଷା ସଂପର୍କ ବୃଦ୍ଧି ଉପରେ ଆଲୋକପାତ କରାଯାଇଥିଲା । ଶ୍ରୀ ଆୟାର କହିଛନ୍ତି ରାଷ୍ଟ୍ରପତି ଜୋ ବାଇଡେନ୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ

ମଧ୍ୟରେ ଅଧିକ ବାର୍ତ୍ତାଳାପ ହେଉଛି । ସେ କହିଛନ୍ତି ବର୍ଷକର ପ୍ରତ୍ୟେକ ମାସରେ ଉଭୟ ଦେଶ ମଧ୍ୟରେ ଉଚ୍ଚସ୍ତରୀୟ କଥାବାର୍ତ୍ତା ହେଉଛି । ଆମେରିକା ବୈଦେଶିକ ମନ୍ତ୍ରଣାଳୟ ରାଜନୈତିକ-ସାମରିକ ଅଫିସର ରିୟାନ୍ ହଲିଓ୍ୱେ କହିଛନ୍ତି ଭାରତ ସହ ଆମେରିକାର ଭାଗିଦାରୀ ଅତ୍ୟନ୍ତ ଘନିଷ୍ଠ ରହିଛି ।

## ଦିଲ୍ଲୀ ଫାୟାର

ଦିଲ୍ଲୀର ସାହାଦରା ଅଞ୍ଚଳରେ ଏକ ବଡ଼ ଅଗ୍ନିକାଣ୍ଡ ଘଟି ୪ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ଅନେକ ଲୋକ ଆହତ ହୋଇଛନ୍ତି । ଅଗ୍ନିଶମ ବିଭାଗର କହିବା ଅନୁସାରେ ଏହି ନିଆଁ ସକାଳୁ ଲାଗିଥିଲା ଓ ତାହା ଘରର ପାର୍କିଙ୍ଗ୍ ଏରିଆକୁ ବ୍ୟାପି ଯାଇଥିଲା । ନିଆଁ ଲିଭାଇବା ପାଇଁ ୯ଟି ଦମ୍‌କଳ ବାହିନୀକୁ ନିୟୋଜିତ କରାଯାଇଥିଲା । ଅଗ୍ନିକାଣ୍ଡର କାରଣ ବିଷୟରେ ଏପର୍ଯ୍ୟନ୍ତ କିଛି ଜଣାପଡ଼ି ନାହିଁ । ୧୮ ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି ଓ ସେମାନଙ୍କର ହସ୍ପିଟାଲରେ ଚିକିତ୍ସା କରାଯାଉଛି । ପୋଲିସ୍ ଏହି ଘଟଣାରେ ଏକ ମାମଲା ରୁଜୁ କରିଛି ।

# ଶେଖ୍ ସାହାଜାହାନ

ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ନିଲମ୍ବିତ ନେତା ଓ ED ଅଫିସରମାନଙ୍କ ଉପରେ ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଶେଖ୍ ସାହାଜାହାନ୍‌ଙ୍କୁ ଆଜିର ବସୀର ହାଟ କୋର୍ଟରେ ହାଜର କରାଯାଇଛି । ୧୦ ତାରିଖ ଠାରୁ ସେ CBI ହାଜତରେ ଅଛନ୍ତି । କାଲକାଟା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପଶ୍ଚିମବଙ୍ଗ ପୋଲିସ୍ ଶେଖ୍ ସାହାଜାହାନ୍‌ଙ୍କୁ CBI ହାଜତକୁ ପଠାଇଛି ।

# ରାଜ୍ୟସଭା-ସୁଧାମୂର୍ତ୍ତି

ମାନବ ହୈିତେଷୀ ସୁଧା ମୂର୍ତ୍ତି ରାଜ୍ୟସଭା ସାଂସଦ ଭାବେ ଶପଥ ନେଇଛନ୍ତି । ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ପାର୍ଲାମେଣ୍ଟ ସଦନରେ ସୁଧାମୂର୍ତ୍ତିଙ୍କୁ ଶପଥପାଠ କରାଇଛନ୍ତି । ଏହି ଅବସରରେ ଇନ୍‌ଫୋସିସ୍ ପ୍ରତିଷ୍ଠାତା ନାରାୟଣମୂର୍ତ୍ତି ଓ ରାଜ୍ୟସଭା ନେତା ପିୟୁଷ ଗୋୟଲ ଉପସ୍ଥିତ ଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ’ ସୁଧାମୂର୍ତ୍ତିଙ୍କୁ ରାଜ୍ୟସଭା ପାଇଁ ମନୋନୀତ କରିଥିଲେ ।

# ୱାନ୍ ନେସନ୍-ୱାନ ଇଲେକ୍ସନ

**ଏକ୍ ଦେଶ ଏକ୍ ନିର୍ବାଚନ** ସଂକ୍ରାନ୍ତ ରିପୋର୍ଟକୁ ଉଚ୍ଚସ୍ତରୀୟ କମିଟି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟରେ ଦାଖଲ କରିଛନ୍ତି । ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ କମିଟିର ଚେୟାରମ୍ୟାନ୍ ଥିଲେ । ରିପୋର୍ଟ ପ୍ରଦାନ କରାଯିବା ସମୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଆଇନମନ୍ତ୍ରୀ ଅର୍ଜୁନରାମ ମେଘୱାଲ, ପଞ୍ଚଦଶ ଅର୍ଥ କମିଶନ ର ଚେୟାରମ୍ୟାନ ଏନ.କେ ସିଂ ଉପସ୍ଥିତ ଥିଲେ ।

ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର କହିବା ଅନୁସାରେ ଭାରତର ବିକାଶ ପାଇଁ ଏକ୍ ଦେଶ ଏକ୍ ନିର୍ବାଚନ ଜରୁରୀ । ସେ କହିଛନ୍ତି ରିପୋର୍ଟରେ ୧୮ ହଜାର ୬୨୬ ପୃଷ୍ଠା ରହିଛି । ଏଥିରେ ୧୯୧ ଦିନ ଧରି ବିଭିନ୍ନ ପକ୍ଷ, ବିଶେଷଜ୍ଞ ଓ ଗବେଷକମାନଙ୍କ ସହ ଆଲୋଚନା କରାଯାଇଥିଲା ।

# ଡିଫେନ୍ସ-ଅଗ୍ନିବୀର

ତୃତୀୟ ବ୍ୟାଚ୍ ଅଗ୍ନିବୀରମାନଙ୍କ ପ୍ୟାସିଂ ଆଉଟ୍ ପ୍ୟାରେଡ୍ ଆସନ୍ତାକାଲି INS ଚିଲିକାଠାରେ ଅନୁଷ୍ଠିତ ହେବ। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ୨ହଜାର ୬୦୦ ଅଗ୍ନିବୀରଙ୍କ ତାଲିମ ସଫଳତାର ସହ ସଂପନ୍ନ ହେବା ଅବସରରେ ପ୍ୟାସିଂ ଆଉଟ୍ ପ୍ୟାରେଡ୍ ଅନୁଷ୍ଠିତ ହେବ । ସେମାନଙ୍କ ମଧ୍ୟରେ ମହିଳା ଅଗ୍ନିବୀରମାନେ ରହିଛନ୍ତି । ଚିଲିକାଠାରେ ସେମାନଙ୍କୁ

କଠୋର ତାଲିମ ଦିଆଯାଇଛି । ନୌବାହିନୀ ମୁଖ୍ୟ ଆଡମିରାଲ୍ ଆର୍. ହରିକୁମାର ଉତ୍ସବରେ ମୁଖ୍ୟ ଅତିଥି ରହିବେ । ମନ୍ତ୍ରଣାଳୟ କହିଛି ଏହି କାର୍ଯ୍ୟକ୍ରମକୁ ଅଗ୍ନିବୀରମାନଙ୍କ ପରିବାରର ସଦସ୍ୟମାନେ ଦେଖିପାରିବେ । କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, କ୍ରୀଡ଼ାବିତ୍ ଓ ଅନ୍ୟମାନେ ଉପସ୍ଥିତ ରହିବେ । ଏହି ଅବସରରେ ସେମାନେ ଅଗ୍ନିବୀରମାନଙ୍କୁ ଉତ୍ସାହିତ କରିବେ ।

## ହରିଆଣା କ୍ୟାନ୍‌ସର ପେସେଣ୍ଟ୍ସ

ହରିଆଣା ମୁଖ୍ୟମନ୍ତ୍ରୀ ନୟାବ ସିଂ ସାଇନି କହିଛନ୍ତି ସରକାର ପ୍ରତ୍ୟେକ ନାଗରିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ । ଗତକାଲି କର୍କଟରୋଗୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ସେ ଏହା କହିଛନ୍ତି । କର୍କଟ ରୋଗ ଓ ଅନ୍ୟ ୫୫ଟି ମାରାତ୍ମକ ରୋଗରେ ପୀଡ଼ିତ ଲୋକମାନଙ୍କୁ ସହାୟତା ପାଇଁ ସେ ୨ଟି ନୂଆ ଯୋଜନା ଆରମ୍ଭ କରିଛନ୍ତି । ସେହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଜେ.ପି. ଦଲାଲ୍ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି କର୍କଟରୋଗୀମାନଙ୍କୁ ୩ ହଜାର ଟଙ୍କା ଲେଖାଏଁ ମାସିକ ସହାୟତା ଦିଆଯିବ । କର୍କଟ ରୋଗ ଓ ଅନ୍ୟ ୫୫ଟି ବିରଳ ରୋଗରେ ପୀଡ଼ିତ ଲୋକମାନେ ସହାୟତା ପାଇଁ **ସରଳ** ପୋର୍ଟାଲ୍‌ରେ ଆବେଦନ କରିପାରିବେ । ସେ କହିଛନ୍ତି ଅନ୍ୟ ସାମାଜିକ ସୁରକ୍ଷା,

ପେନସନ ଯୋଜନା ଗୁଡ଼ିକର ସୁବିଧା ବ୍ୟତୀତ ଏହି ଆର୍ଥିକ ସହାୟତା ଦିଆଯିବ । ବାର୍ଷିକ ୩ ଲକ୍ଷ ଟଙ୍କାରୁ କମ୍ ଆୟ କରୁଥିବା ବ୍ୟକ୍ତିମାନେ ଏହି ଯୋଜନାର ଲାଭ ପାଇପାରିବେ ।

## ହରିଆଣା-ସିଏମ୍ ଫାର୍ମର୍ସ

୨୦୨୩ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ହରିଆଣାର ୧୨ଟି ଜିଲ୍ଲାର କପାଚାଷୀମାନଙ୍କୁ ମୁଖ୍ୟମନ୍ତ୍ରୀ ନୟାବ ସିଂ ସାଇନି ୮୭ କୋଟି ୯୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିଛନ୍ତି । କ୍ଷତିଗ୍ରସ୍ତ ଜିଲ୍ଲାଗୁଡ଼ିକ ମଧ୍ୟରେ ଭିୱାନି, ଚର୍ଖିଦାଦ୍ରୀ, ଫତେହାବାଦ, ଗୁରୁଗ୍ରାମ, ହିସାର୍, ଝଝଟ୍, ଜିନ୍ଦ୍, ମହେନ୍ଦ୍ରଗଡ଼, ରେବାଡ଼ି, ରୋହତକ୍, ଶୀର୍ଷା ଓ ସୋନିପଥ୍ ରହିଛି । ଶ୍ରୀ ସାଇନି କହିଛନ୍ତି ଇ-କ୍ଷତିପୂର୍ତ୍ତି ପୋର୍ଟାଲ ଆସନ୍ତାକାଲି ପର୍ଯ୍ୟନ୍ତ ଖୋଲା ରହିବ । ରବିଋତୁରେ କୁଆପଥର ବୃଷ୍ଟି ଯୋଗୁଁ ଫସଲ ହାନୀ ଘଟିଥିବା କୃଷକମାନେ ସେମାନଙ୍କର କ୍ଷତି ବିଷୟରେ ଏଥିରେ ସୂଚନା ଦେଇପାରିବେ । ମୁଖ୍ୟମନ୍ତ୍ରୀ କହିଛନ୍ତି ୨୦୨୩ ବନ୍ୟାରେ କ୍ଷତିଗ୍ରସ୍ତ ୨ ଲକ୍ଷ ୪୩ ହଜାର ୨୮୭ ଏକର ଜମିର ପଞ୍ଜୀକରଣ କରାଯାଇଥିଲା । କପାଚାଷୀମାନଙ୍କର ଘଟିଥିବା କ୍ଷତି ପାଇଁ ସେହି କ୍ଷତିପୂରଣ ଦିଆଯିବ । ଯାଞ୍ଚ ପରେ ୮୪ ହଜାର ୪୮୩ ଏକର ଜମି କ୍ଷତିଗ୍ରସ୍ତ ହୋଇଥିବାର ଜଣାପଡ଼ିଥିଲା । ସେହି ଜମି ବିଷୟରେ କୃଷକମାନେ ଇ-କ୍ଷତିପୂର୍ତ୍ତି

ପୋର୍ଟାଲରେ ସୂଚନା ଦେଇଥିଲେ । ଯାଞ୍ଚ ପରେ ୩୩ ହଜାର ୪୮୩ ଜଣ କୃଷକଙ୍କୁ କ୍ଷତିପୂରଣ ଦିଆଯାଉଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ୨୦୨୩ ବନ୍ୟା ପାଇଁ ୧୩୦ କୋଟି ୮୮ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯାଇଛି । ଏହାଦ୍ୱାରା କୃଷକମାନଙ୍କୁ ୨୧୮ କୋଟି ୮୩ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯାଇଛି ।